ବିଜ୍ଞାପିତ ଅଞ୍ଚଳ ପରିଷଦ, କୁଚିଣ୍ଡା
OFFICE OF THE NOTIFIED AREA COUNCIL, KUCHINDA
At/Po-Kuchinda, Dist-Sambalpur, Odisha, Pin-768222 Phone: (06642)220060
Email:kuchinda_nac@yahoo.com, Website: www.nackuchinda.in

**ପତ୍ର ସଂଖ୍ୟା 1175 / ଏନଏସି. ତାରିଖ. 09-06-2026**

## ଅଭିବ୍ୟକ୍ତି ପ୍ରକାଶନ

ଏତଦ୍ ଦ୍ୱାରା ବିଜ୍ଞାପିତ ଅଞ୍ଚଳ ପରିଷଦ କୁଚିଣ୍ଡାର ସମସ୍ତ ୧୧ ଗୋଟି ୱାର୍ଡର ସ୍ୱୟଂସହାୟକ ଗୋଷ୍ଠୀଙ୍କ ଙ୍କ ଅବଗତି ନିମନ୍ତେ ଜଣାଇଦିଆଯାଉଅଛି ଯେ AMRUT Mitra Initiative Scheme ଅଧୀନରେ ବିଜ୍ଞାପିତ ଅଞ୍ଚଳ ପରିଷଦ କୁଚିଣ୍ଡା ଅଞ୍ଚଳର ଥିବା ନିମ୍ନଲିଖିତ ବନ୍ଧ ଗୁଡ଼ିକର ପରିଚାଳନା ଏବଂ ରକ୍ଷଣାବେକ୍ଷଣ (*Operation & Maintenance* ) ନିମନ୍ତେ ମହିଳା ସ୍ୱୟଂସହାୟକ ଗୋଷ୍ଠୀଙ୍କ ଠାରୁ ମୁଦା ଲଫାପାରେ ଦରଖାସ୍ତ ଆହ୍ୱାନ କରାଯାଉଅଛି ।

ବନ୍ଧ ଗୁଡ଼ିକର ବିବରଣୀ

୧. **କୁଚିଣ୍ଡା ଏନଏସି ଅଧୀନରେ ୱାର୍ଡ ନମ୍ବର - ୩ ର ରୁଗିଡି ବନ୍ଧର** ପରିଚାଳନା ଏବଂ ରକ୍ଷଣାବେକ୍ଷଣ
୨. **କୁଚିଣ୍ଡା ଏନଏସି ଅଧୀନରେ ୱାର୍ଡ ନମ୍ବର - ୩ ର ତଲିକଟା ବନ୍ଧର** ପରିଚାଳନା ଏବଂ ରକ୍ଷଣାବେକ୍ଷଣ
୩. **କୁଚିଣ୍ଡା ଏନଏସି ଅଧୀନରେ ୱାର୍ଡ ନମ୍ବର -୫ ର କୋଲ୍ହୁପଡା ବନ୍ଧର** ପରିଚାଳନା ଏବଂ ରକ୍ଷଣାବେକ୍ଷଣ
୪. **କୁଚିଣ୍ଡା ଏନଏସି ଅଧୀନରେ ୱାର୍ଡ ନମ୍ବର -୯ ର କୁଣ୍ଡାପୋଖରୀ ବନ୍ଧର** ପରିଚାଳନା ଏବଂ ରକ୍ଷଣାବେକ୍ଷଣ
୫. **କୁଚିଣ୍ଡା ଏନଏସି ଅଧୀନରେ ୱାର୍ଡ ନମ୍ବର - ୧୦ ର ସଇଡା ନୂଆ ବନ୍ଧର** ପରିଚାଳନା ଏବଂ ରକ୍ଷଣାବେକ୍ଷଣ

ଏହି ଦରଖାସ୍ତ ମୁଦା ଲଫାପାରେ ବିଜ୍ଞାପିତ ଅଞ୍ଚଳ ପରିଷଦ କୁଚିଣ୍ଡା କାର୍ଯ୍ୟାଳୟରେ ତା: ୧୯/୦୬/୨୦୨୬, ଅପରାହ୍ନ ୫.୩୦ ଘଟିକା ସୁଦ୍ଧା ଦାଖଲ କରିପାରିବେ।

ଦାଖଲ ହୋଇଥିବା ସମସ୍ତ ଦରଖାସ୍ତ ଚୟନ କମିଟି ସଦସ୍ୟ (ULB Level Committee) ଓ ସ୍ୱୟଂ ସହାୟକ ଗୋଷ୍ଠୀର ସଭାପତି ଏବଂ ସମ୍ପାଦିକା ମାନଙ୍କ ଉପସ୍ଥିତିରେ ତା ୨୨/୦୬/୨୦୨୬ ରିଖ ସକାଳ ୧୦.୦୦ ଘଟିକା ସମୟରେ ବିଜ୍ଞାପିତ ଅଞ୍ଚଳ ପରିଷଦ କୁଚିଣ୍ଡା ସଭା ଗୃହରେ ଖୋଲାଯିବା ସହିତ ଦରଖାସ୍ତ ଦାଖଲ କରିଥିବା ସମସ୍ତ ସ୍ୱୟଂସହାୟକ ଗୋଷ୍ଠୀର ସମସ୍ତ ମୂଳ ଦସ୍ତାବିଜ/ ରେଜିଷ୍ଟର ଯାଞ୍ଚ କରାଯିବା ମୁଦା ଲଫାପା ଉପରେ **"DAY-NULM ସ୍ୱୟଂସହାୟକ ଗୋଷ୍ଠୀର ପଞ୍ଜିକରଣ ସଂଖ୍ୟା.................., ..................ସ୍ୱୟଂସହାୟକ ଗୋଷ୍ଠୀ, ୱାର୍ଡ ସଂଖ୍ୟା...........", ................................ ବନ୍ଧର** ପରିଚାଳନା ଏବଂ ରକ୍ଷଣାବେକ୍ଷଣ **ନିମନ୍ତେ ଦରଖାସ୍ତ "** ଶିରୋନାମା ସ୍ପଷ୍ଟ ରୂପେ ଲେଖାଯିବା ଆବଶ୍ୟକ । ଅଧିକ ବିବରଣୀ ପାଇଁ ଆପଣ ବିଜ୍ଞାପିତ ଅଞ୍ଚଳ ପରିଷଦ କୁଚିଣ୍ଡା କାର୍ଯ୍ୟାଳୟରେ ଯୋଗାଯୋଗ କରିପାରିବେ।

ସ୍ୱୟଂ ସହାୟକ ଗୋଷ୍ଠୀ ଚୟନ ନିମନ୍ତେ ଆବଶ୍ୟକ ଥିବା ଯୋଗ୍ୟତା

(୧) DAY-NULM ରେ ସ୍ୱୟଂସହାୟକ ଗୋଷ୍ଠୀର ପଞ୍ଜିକରଣ ହୋଇଥିବା ଆବଶ୍ୟକ, **ଏବଂ** ପଞ୍ଚ ସୂତ୍ର ନିୟମକୁ ଅନୁପାଳନ କରୁଥିବେ ( ନିୟମିତ ବୈଠକ, ନିୟମିତ ସଞ୍ଚୟ, ନିୟମିତ ଗୋଷ୍ଠୀ ମଧ୍ୟରେ ଋଣ କାରବାର, ନିୟମିତ ପରିଶୋଧ, ନିୟମିତ ହିସାବ ରଖିବା ଇତ୍ୟାଦି) ।

(୨) ଅତି କମରେ ସ୍ୱୟଂସହାୟକ ଗୋଷ୍ଠୀର ଜଣେ ସଦସ୍ୟ ଅଷ୍ଟମ ମାନକ ମୌଳିକ ଶିକ୍ଷା ପାଇବା ଉଚିତ୍ ଏବଂ ଡିଜିଟାଲ୍ ସାକ୍ଷର ହୋଇନଥିବା ଜରୁରୀ ଅଟେ ।

(୩) ସ୍ୱୟଂ ସହାୟକ ଗୋଷ୍ଠୀର ସକ୍ରିୟ ଜମାଖାତା ଥିବ **ଏବଂ** କୌଣସି ଆର୍ଥିକ ଅନିୟମିୟତତା ଯଥା, ଋଣ ଏନ ପି ଏ ରାଇଟ ଅଫ ଘୋଷିତ ହୋଇନଥିବ ।

(୪) ଅସାମାଜିକ କାର୍ଯ୍ୟ ଅଥବା ଅପରାଧରେ ଜଡିତ ନଥିବେ ।

(୫) ସ୍ୱୟଂ ସହାୟକ ଗୋଷ୍ଠୀର ଜଳ ଭିତ୍ତିକ କାର୍ଯ୍ୟକଳାପ / ନିର୍ମାଣ କାର୍ଯ୍ୟରେ ପୂର୍ବ ଅଭିଜ୍ଞତା ଥିଲେ ସମ୍ପୃକ୍ତ ସ୍ୱୟଂ ସହାୟକ ଗୋଷ୍ଠୀକୁ ଅଗ୍ରାଧିକାର ଦିଆଯିବ ।

(୬) ସମ୍ପୃକ୍ତ ୱାର୍ଡର ସ୍ୱୟଂ ସହାୟକ ଗୋଷ୍ଠୀକୁ ଅଗ୍ରାଧିକାର ଦିଆଯିବ । ଯଦି ସମ୍ପୃକ୍ତ ୱାର୍ଡରୁ ଯଥେଷ୍ଟ ଦରଖାସ୍ତ ଦାଖଲ ନ ହୁଏ ତେବେ ପାଖ ୱାର୍ଡର ସ୍ୱୟଂ ସହାୟକ ଗୋଷ୍ଠୀର ଦରଖାସ୍ତକୁ ବିଚାରକୁ ନିଆଯିବ ।

(ଉପରୋକ୍ତ ଯୋଗ୍ୟତା ଥିବା ସ୍ୱୟଂ ସହାୟକ ଗୋଷ୍ଠୀକୁ ବନ୍ଧ ଗୁଡ଼ିକର ପରିଚାଳନା ଏବଂ ରକ୍ଷଣାବେକ୍ଷଣ ନିମନ୍ତେ ଯାଞ୍ଚ କରାଯାଇ ସର୍ବାଧିକ ମାର୍କ ରଖୁଥିବା ସ୍ୱୟଂ ସହାୟକ ଗୋଷ୍ଠୀକୁ ଚୟନ କମିଟି ଦ୍ବାରା ଚୟନ କରାଯିବ ।)

ନିର୍ବାହୀ ଅଧିକାରୀ
ବିଜ୍ଞାପିତ ଅଞ୍ଚଳ ପରିଷଦ କୁଚିଣ୍ଡା

ପରିପତ୍ର ସଂଖ୍ୟା : 1176 /ତାରିଖ : 09-06-2026

ଏହାର ଏକକିତା ନକଲ ଶିଶୁ ବିକାଶ ଯୋଜନା ଅଧିକାରୀ , କୁଚିଣ୍ଡା ଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା । ବିଜ୍ଞାପନ ଟି ୱାର୍ଡ ମାନଙ୍କର ସମସ୍ତ ସ୍ୱୟଂ ସହାୟକ ଗୋଷ୍ଠୀ ମାନଙ୍କ ଦୃଷ୍ଟିକୁ ଆଣିବାକୁ ଅନୁରୋଧ ।

ନିର୍ବାହୀ ଅଧିକାରୀ
ବିଜ୍ଞାପିତ ଅଞ୍ଚଳ ପରିଷଦ କୁଚିଣ୍ଡା

ପରିପତ୍ର ସଂଖ୍ୟା : 1177 /ତାରିଖ : 09-06-2026

ଏହାର ଏକକିତା ନକଲ ସମସ୍ତ ୱାର୍ଡ ଅଧିକାରୀ /DMM, ବିଜ୍ଞାପିତ ଅଞ୍ଚଳ ପରିଷଦ କୁଚିଣ୍ଡା ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା । ବିଜ୍ଞାପନ ଟି ଉପରୋକ୍ତ ୱାର୍ଡ ର ସମସ୍ତ ସ୍ୱୟଂ ସହାୟକ ଗୋଷ୍ଠୀ ମାନଙ୍କର ଦୃଷ୍ଟି ଗୋଚର ହେଲା ବୋଲି ପ୍ରାମାଣିକ ହସ୍ତାକ୍ଷର ସହ ଯୋଗାଇ ଦେବାକୁ ଅନୁରୋଧ ।

ଏହାର ଏକ କିତା ନକଲ ଅଫିସ ନୋଟିସ ବୋର୍ଡ ରେ ସମସ୍ତଙ୍କ ଅବଗତି ନିମନ୍ତେ ଛପାଗଲ ।

ନିର୍ବାହୀ ଅଧିକାରୀ
ବିଜ୍ଞାପିତ ଅଞ୍ଚଳ ପରିଷଦ କୁଚିଣ୍ଡା